# .. ଶ୍ରୀମଦ୍ଭଗବଦ୍ଗୀତା ପଂଚମୋଽଧ୍ୟାୟଃ (ସଂନ୍ୟାସୟୋଗଃ) ..

CHAPTER 5
PATH OF RENUNCIATION

ଅଥ ପଂଚମୋଽଧ୍ୟାୟଃ . ସଂନ୍ୟାସୟୋଗଃ

ଅର୍ଜୁନ ଉବାଚ .

ସଂନ୍ୟାସଂ କର୍ମଣାଂ କୃଷ୍ଣ ପୁନର୍ୟୋଗଂ ଚ ଶଂସସି .
ୟଚ୍ଛ୍ରେୟ ଏତୟୋରେକଂ ତନ୍ମେ ବ୍ରୂହି ସୁନିଶ୍ଚିତମ୍ .. ୫-୧..

ଅର୍ଜୁନ କହିଲେ --- ହେ କୃଷ୍ଣ! ଆପଣ କର୍ମମାନଙ୍କର-- ସଂନ୍ୟାସକୁ ପ୍ରଶଂସା କରୁଛନ୍ତି, ପୁଣି କର୍ମଯୋଗର ମଧ୍ୟ ପ୍ରଶଂସା କରୁଛନ୍ତି | ତେଣୁ ଏହି ଦୁଇଟି ମଧ୍ୟରୁ ଯେଉଁଟି ମୋପାଇଁ ଭଲଭାବରେ ନିଶ୍ଚିତ କଲ୍ୟାଣକାରକ ସାଧନା ହେବ, ତାହା ମୋତେ କହନ୍ତୁ ||୫-୦୧ ||

Arjuna said: O Krishna, You praise transcendental knowledge (the Saamkhya or Karma-Samnyasa) and also performance of unattached action, Karma-yoga. Tell me, definitely, which one is better of the two. (See also 5.05) (5.01)

ଶ୍ରୀଭଗବାନୁବାଚ .

ସଂନ୍ୟାସଃ କର୍ମୟୋଗଶ୍ଚ ନିଃଶ୍ରେୟସକରାବୁଭୌ .
ତୟୋସ୍ତୁ କର୍ମସଂନ୍ୟାସାତ୍ କର୍ମୟୋଗୋ ବିଶିଷ୍ୟତେ .. ୫-୨..

ଶ୍ରୀ ଭଗବାନ୍ କହିଲେ -- କର୍ମସନ୍ୟାସ ଓ କର୍ମଯୋଗ -- ଏ ଉଭୟେ ପରମ କଲ୍ୟାଣକାରକ ଅଟନ୍ତି, କିନ୍ତୁ ଏହି ଦୁଇଟିମଧ୍ୟରୁ କର୍ମସଂନ୍ୟାସ ଅପେକ୍ଷା ସାଧନାରେ ସୁଗମ ହୋଇଥିବାରୁ କର୍ମଯୋଗ ଶ୍ରେଷ୍ଠ ଅଟେ ||୫-୦୨ ||

Karma-Samnyasa means renunciation of doership, ownership, and selfish motive behind an action, and not the renunciation of work, or the worldly objects. Karma-Samnyasa comes only after the dawn of Self-knowledge. Therefore, words Jnana, Saamkhya, Samnyasa, and Karma-Samnyasa are used interchangeably throughout the Gita. Renunciation is considered the goal of life, and Karma and Jnana are the necessary means to achieve the goal.
The Supreme Lord said: Karma-Samnyasa, and Karma-yoga both lead to the Supreme. But, of the two, Karma-yoga is superior to Karma-Samnyasa. (5.02)

## ଜ୍ଞେୟଃ ସ ନିତ୍ୟସଂନ୍ୟାସୀ ୟୋ ନ ଦ୍ୱେଷ୍ଟି ନ କାଙ୍କ୍ଷତି .

## ନିର୍ଦ୍ୱଂଦ୍ୱୋ ହି ମହାବାହୋ ସୁଖଂ ବଂଧାତ୍ପ୍ରମୁଚ୍ୟତେ .. ୫-୩..

ହେ ଅର୍ଜୁନ! ଯେଉଁ ପୁରୁଷ କାହାସହିତ ଦ୍ୱେଷ କରନ୍ତି ନାହିଁ କି, କିଛି ଆକାଙ୍କ୍ଷା କରନ୍ତି ନାହିଁ, ସେହି କର୍ମଯୋଗୀ  ସଦା ସନ୍ନ୍ୟାସୀ ବୋଲାଯିବାର ଯୋଗ୍ୟ ଅଟନ୍ତି, କାରଣ ରାଗଦ୍ୱେଷାଦି ଦ୍ୱନ୍ଦ୍ୱରୁ ରହିତ ପୁରୁଷ ସୁଖପୂର୍ବକ ସଂସାରବନ୍ଧନରୁ ମୁକ୍ତ ହୋଇଯାଆନ୍ତି ||୫-୦୩ ||

A person should be considered a true Samnyasi or renunciant who neither likes nor dislikes. Because, free from the dualities, O Arjuna, one is easily liberated from bondage. (5.03)

## ସାଂଖ୍ୟୟୋଗୌ ପୃଥଗ୍ବାଲାଃ ପ୍ରବଦଂତି ନ ପଂଡିତାଃ .

## ଏକମପ୍ୟାସ୍ଥିତଃ ସମ୍ୟଗୁଭୟୋର୍ବିଂଦତେ ଫଲମ୍ .. ୫-୪..

ଉପରୋକ୍ତ ସନ୍ୟାସ ଓ କର୍ମଯୋଗକୁ ମୂର୍ଖଲୋକେ ପୃଥକ୍ ପୃଥକ୍ ଫଳଦାତା ବୋଲି କହନ୍ତି, କିନ୍ତୁ ପଣ୍ଡିତମାନେ ତାହା କହନ୍ତି ନାହିଁ; କାରଣ ସେହି ଦୁଇଟିମଧ୍ୟରୁ କୌଣସି ଗୋଟିକରେ ବି ସମ୍ୟକ୍ଭାବରେ ସ୍ଥିତ ହୋଇଥିବା ପୁରୁଷ ଉଭୟର  ଫଳରୂପକ ପରମାତ୍ମାଙ୍କୁ ପାଇଯାଆନ୍ତି ||୫-୦୪ ||

The ignorant, not the wise, consider Karma-Samnyasa and Karma-yoga as different from each other. The person who has truly mastered one, gets the benefits of both. (5.04)

## ୟତ୍ସାଂଖ୍ୟୈଃ ପ୍ରାପ୍ୟତେ ସ୍ଥାନଂ ତଦ୍ୟୋଗୈରପି ଗମ୍ୟତେ .

## ଏକଂ ସାଂଖ୍ୟଂ ଚ ୟୋଗଂ ଚ ୟଃ ପଶ୍ୟତି ସ ପଶ୍ୟତି .. ୫-୫..

ଜ୍ଞାନଯୋଗୀମାନଙ୍କ ଦ୍ୱାରା ଯେଉଁ ପରମଧାମ ପ୍ରାପ୍ତ କରାଯାଏ, କର୍ମଯୋଗୀମାନଙ୍କ ଦ୍ୱାରା ମଧ୍ୟ ସେହି ପରମଧାମ ପ୍ରାପ୍ତ କରାଯାଏ | ତେଣୁ ଯେଉଁ ପୁରୁଷ ଜ୍ଞାନଯୋଗ ଓ କର୍ମଯୋଗକୁ ଫଳରୂପରେ ଏକ ବୋଲି ଦେଖନ୍ତି, ସେ ହିଁ ଯଥାର୍ଥ ଦେଖନ୍ତି  ||୫-୦୫ ||

Whatever goal a Samnyasi reaches, a Karma-yogi also reaches the same goal. One who sees the path of renunciation and the path of work as the same, really sees. (See also 6.01 and 6.02) (5.05)

## ସଂନ୍ୟାସସ୍ତୁ ମହାବାହୋ ଦୁଃଖମାପ୍ତୁମୟୋଗତଃ .

## ୟୋଗୟୁକ୍ତୋ ମୁନିର୍ବ୍ରହ୍ମ ନଚିରେଣାଧିଗଚ୍ଛତି .. ୫-୬..

କିନ୍ତୁ ହେ ଅର୍ଜୁନ! କର୍ମଯୋଗ ବିନା ସଂନ୍ୟାସ ଅର୍ଥାତ୍ ମନ, ଇନ୍ଦ୍ରିୟ ଓ ଶରୀରଦ୍ୱାରା ହେଉଥିବା ସକଳ କର୍ମରେ କର୍ତ୍ତାପଣତ୍ୟାଗ ପାଇପାରିବା କଠିନ ଏବଂ ଭଗବତ୍ସ୍ୱରୂପକୁ  ମନନ କରୁଥିବା କର୍ମଯୋଗୀ ପରବ୍ରହ୍ମ ପରମାତ୍ମାଙ୍କୁ ଶୀଘ୍ର ହିଁ ପାଇଯାଆନ୍ତି | ||୫-୦୬ ||

But Samnyasa, O Arjuna, is difficult to attain without Karma-yoga. A Karma-yogi sage quickly attains Brahman. (See also 4.31, and 4.38) (5.06)

ଯୋଗଯୁକ୍ତୋ ବିଶୁଦ୍ଧାତ୍ମା ବିଜିତାତ୍ମା ଜିତେଂଦ୍ରିୟଃ .

ସର୍ବଭୂତାତ୍ମଭୂତାତ୍ମା କୁର୍ବନ୍ନପି ନ ଲିପ୍ୟତେ .. ୫-୭..

ଯାହାଙ୍କର ମନ ନିଜ ବଶରେ ଥାଏ, ଯେ ଜିତେନ୍ଦ୍ରିୟ ଓ ଯାହାଙ୍କର ଅନ୍ତଃକରଣ ବିଶୁଦ୍ଧ ଏବଂ ସକଳ ପ୍ରାଣୀଙ୍କର ଆତ୍ମରୂପ ପରମାତ୍ମା ହିଁ ଯାହାଙ୍କର ଆତ୍ମା, ସେହି କର୍ମଯୋଗୀ କର୍ମ କରୁଥିଲେ ମଧ୍ଯ କର୍ମରେ ଲିପ୍ତ ହୁଅନ୍ତି ନାହିଁ ||୫-୦୭ ||

*A Karma-yogi whose mind is pure, whose mind and senses are under control, and who sees one and the same Self in all beings, is not bound (by Karma) though engaged in work. (5.07)*

ନୈବ କିଂଚିତ୍କରୋମୀତି ଯୁକ୍ତୋ ମନ୍ୟେତ ତତ୍ତ୍ୱବିତ୍ .

ପଶ୍ୟଞ୍ଛୃଣ୍ୱନ୍ସ୍ପୃଶଂଜିଘ୍ରନ୍ନଶ୍ନନ୍ଗଚ୍ଛନ୍ସ୍ୱପଞ୍ଶ୍ୱସନ୍ .. ୫-୮..

ପ୍ରଲପନ୍ବିସୃଜନ୍ଗୃହ୍ଣନ୍ନୁନ୍ମିଷନ୍ନିମିଷନ୍ନପି .

ଇଂଦ୍ରିୟାଣୀଂଦ୍ରିୟାର୍ଥେଷୁ ବର୍ତଂତ ଇତି ଧାରୟନ୍ .. ୫-୯..

ତତ୍ତ୍ୱଜ୍ଞ ସାଂଖ୍ୟଯୋଗୀ ଦେଖୁଥିଲେ, ଶୁଣୁଥିଲେ, ଛୁଉଁଥିଲେ,ଶୁଙ୍ଘୁଂଥିଲେ, ଖାଉଥିଲେ, ଯାଉଥିଲେ, ଶୋଉଥିଲେ, ଶ୍ୱାସକ୍ରିୟା କରୁଥିଲେ, କଥା କହୁଥିଲେ, ତ୍ୟାଗ କରୁଥିଲେ, ଗ୍ରହଣ କରୁଥିଲେ ତଥା ଆଖି ଖୋଲୁଥିଲେ, ବୁଜୁଥିଲେ ଇତ୍ୟାଦି ସବୁ କରୁଥିଲେ ବି ଇନ୍ଦ୍ରିୟମାନେ ହିଁ ନିଜ ନିଜ ଅର୍ଥରେ ପ୍ରବୃତ୍ତ ହେଉଛନ୍ତି ବୋଲି ଜାଣି 'ମୁଁ କିଛି ବି କରୁ ନାହିଁ' ବୋଲି ଭାବିବା ଉଚିତ | ||୫-୦୮-୦୯||

*A Samnyasi who knows the truth thinks: I do nothing at all. For in seeing, hearing, touching, smelling, eating, walking, sleeping, breathing; and (5.08)*
*Speaking, giving, taking, opening and closing the eyes, a Samnyasi believes that only the senses are operating upon their sense objects. (See also 3.27, 13.29, and 14.19) (5.09)*

ବ୍ରହ୍ମଣ୍ୟାଧାୟ କର୍ମାଣି ସଂଗଂ ତ୍ୟକ୍ତ୍ୱା କରୋତି ୟଃ .

ଲିପ୍ୟତେ ନ ସ ପାପେନ ପଦ୍ମପତ୍ରମିବାଂଭସା .. ୫-୧୦..

ଯେଉଁ ପୁରୁଷ ସକଳ କର୍ମ ପରମାତ୍ମାଙ୍କ ଠାରେ ଅର୍ପଣ କରି ଓ ଆସକ୍ତି ତ୍ୟାଗ କରି କର୍ମ କରନ୍ତି, ପଦ୍ମପତ୍ର ଯେପରି ଜଳଦ୍ୱାରା ଲିପ୍ତ ହୁଏ ନାହିଁ, ସେହି ପୁରୁଷ ସେପରି ପାପଦ୍ୱାରା ଲିପ୍ତ ହୁଅନ୍ତି ନାହିଁ ||୫- ୧୦ ||

*One who does all work as an offering to the Lord, abandoning attachment to the results, is as untouched by sin (or Karmic reaction) as a lotus leaf is untouched by water. (5.10)*

କାୟେନ ମନସା ବୁଦ୍ଧ୍ୟା କେବଲୈରିଂଦ୍ରିୟୈରପି .

ଯୋଗିନଃ କର୍ମ କୁର୍ବଂତି ସଂଗଂ ତ୍ୟକ୍ତ୍ୱାତ୍ମଶୁଦ୍ଧୟେ .. ୫-୧୧..

କର୍ମଯୋଗୀମାନେ ମମତ୍ୱବୁଦ୍ଧିରହିତ ହୋଇ କେବଳ ଇନ୍ଦ୍ରିୟ,ମନ, ବୁଦ୍ଧି ଓ ଶରୀରଦ୍ୱାରା ମଧ୍ଯ ସକଳ ଆସକ୍ତି ତ୍ୟାଗ କରି ଅନ୍ତଃକରଣର ଶୁଦ୍ଧିନିମନ୍ତେ କର୍ମ କରନ୍ତି ||୫- ୧୧||

*A Karma-yogi performs action by body, mind, intellect, and senses, without attachment (or ego), only for self-purification. (5.11)*

**ଯୁକ୍ତଃ କର୍ମଫଲଂ ତ୍ୟକ୍ତ୍ୱା ଶାଂତିମାପ୍ନୋତି ନୈଷ୍ଠିକୀମ୍ .**

**ଅଯୁକ୍ତଃ କାମକାରେଣ ଫଲେ ସକ୍ତୋ ନିବଧ୍ୟତେ .. ୫-୧୨..**

କର୍ମଯୋଗୀ କର୍ମଫଳ ତ୍ୟାଗ କରି ଭଗବତ୍ପ୍ରାପ୍ତିରୂପକ ଶାନ୍ତି ଲାଭ କରନ୍ତି ଏବଂ ସକାମପୁରୁଷ କାମନାର ପ୍ରେରଣାଦ୍ୱାରା ଫଳାସକ୍ତ ହୋଇ ବନ୍ଧନରେ ପଡେ ||୫-୧୨ ||

A Karma-yogi, abandoning the fruit of work, attains Supreme Bliss while others, who are attached to the fruits of work, become bound by selfish work. (5.12)

**ସର୍ବକର୍ମାଣି ମନସା ସଂନ୍ୟସ୍ୟାସ୍ତେ ସୁଖଂ ବଶୀ .**

**ନବଦ୍ୱାରେ ପୁରେ ଦେହୀ ନୈବ କୁର୍ବନ୍ନ କାରୟନ୍ .. ୫-୧୩..**

ଅନ୍ତଃକରଣକୁ ବଶୀଭୂତ କରି ସାଂଖ୍ୟଯୋଗ ଆଚରଣ କରୁଥିବା ପୁରୁଷ କିଛି ନ କରି ଓ ନ କରାଇ ହିଁ ନବଦ୍ୱାରବିଶିଷ୍ଟ ଶରୀରରୂପକ ପୁରରେ ମନଦ୍ୱାରା ସକଳ କର୍ମ ତ୍ୟାଗ କରିଦେଇ ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କ ସ୍ୱରୂପରେ ଆନନ୍ଦପୂର୍ବକ ଅବସ୍ଥାନ କରନ୍ତି ||୫-୧୩ ||

A person who has subdued the senses and completely renounced (the fruits of) all works, dwells happily in the City of Nine Gates, neither performing nor directing action. (5.13)

**ନ କର୍ତୃତ୍ୱଂ ନ କର୍ମାଣି ଲୋକସ୍ୟ ସୃଜତି ପ୍ରଭୁଃ .**

**ନ କର୍ମଫଲସଂୟୋଗଂ ସ୍ୱଭାବସ୍ତୁ ପ୍ରବର୍ତତେ .. ୫-୧୪..**

ପରମେଶ୍ୱର ମନୁଷ୍ୟମାନଙ୍କର କର୍ତାପଣକୁ, କର୍ମମାନକୁ କିମ୍ବା କର୍ମଫଳର ସଂଯୋଗକୁ ରଚନା କରନ୍ତି ନାହିଁ; କିନ୍ତୁ ସ୍ୱଭାବ ଅର୍ଥାତ୍ ପ୍ରକୃତି ହିଁ ପ୍ରବୃତ୍ତ ହୁଏ ||୫-୧୪ ||

The Lord neither creates the urge for action nor the feeling of doership nor the attachment to the results of action in people. All these are done by the (Gunas of) nature. (5.14)

**ନାଦତ୍ତେ କସ୍ୟଚିତ୍ପାପଂ ନ ଚୈବ ସୁକୃତଂ ବିଭୁଃ .**

**ଅଜ୍ଞାନେନାବୃତଂ ଜ୍ଞାନଂ ତେନ ମୁହ୍ୟଂତି ଜଂତବଃ .. ୫-୧୫..**

ସର୍ବବ୍ୟାପୀ ପରମେଶ୍ୱର କାହାରି ପାପକର୍ମ କି କାହାରି ଶୁଭକର୍ମକୁ ଗ୍ରହଣ କରନ୍ତି ନାହିଁ; କିନ୍ତୁ ଅଜ୍ଞାନଦ୍ୱାରା ଜ୍ଞାନ ଢାଙ୍କି ହୋଇ ରହିଛି; ତେଣୁ ଅଜ୍ଞାନୀ ମନୁଷ୍ୟମାନେ ମୋହିତ ହେଉଛନ୍ତି ||୫-୧୫ ||

The Lord does not take the (responsibility for) good or evil deeds of anybody. The knowledge is covered by (the veil of) ignorance, thereby people are deluded. (5.15)

**ଜ୍ଞାନେନ ତୁ ତଦଜ୍ଞାନଂ ଯେଷାଂ ନାଶିତମାତ୍ମନଃ .**

**ତେଷାମାଦିତ୍ୟବଜ୍ଜ୍ଞାନଂ ପ୍ରକାଶୟତି ତତ୍ପରମ୍ .. ୫-୧୬..**

କିନ୍ତୁ ଯେଉଁମାନଙ୍କର ସେହି ଅଜ୍ଞାନ ପରମାତ୍ମାଙ୍କର ତତ୍ତ୍ୱଜ୍ଞାନଦ୍ୱାରା ନଷ୍ଟ କରାଯାଇଛି, ସେମାନଙ୍କର ଜ୍ଞାନ ସୂର୍ଯ୍ୟସଦୃଶ ସେହି ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କୁ ପ୍ରକାଶିତ କରିଦିଏ ||୫-୧୬ ||

But their knowledge, whose ignorance is destroyed by the Self-knowledge, reveals the Supreme like the sun (reveals the beauty of objects of the world). (5.16)

## ତଦ୍‌ବୁଦ୍ଧୟସ୍ତଦାତ୍ମାନସ୍ତନ୍ନିଷ୍ଠାସ୍ତତ୍‌ପରାୟଣାଃ .

## ଗଚ୍ଛଂତ୍ୟପୁନରାବୃତ୍ତିଂ ଜ୍ଞାନନିର୍ଧୂତକଲ୍ମଷାଃ .. ୫-୧୭..

ଯେଉଁମାନଙ୍କର ମନ ତଦ୍ରୂପ ହୋଇଯାଇଛି, ଯେଉଁମାନଙ୍କର ବୁଦ୍ଧି ତଦ୍ରୂପ ହୋଇଯାଇଛି ଓ ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କ ଠାରେ ହିଁ ଯେଉଁମାନେ ନିରନ୍ତର ଏକୀଭାବରେ ସ୍ଥିତ ଅଟନ୍ତି, ଏତାଦୃଶ ତତ୍‌ପରାୟଣ ପୁରୁଷମାନେ ଜ୍ଞାନଦ୍ୱାରା ପାପରହିତ ହୋଇ ଅପୁନରାବୃତ୍ତି ଅର୍ଥାତ୍ ପରମଗତି ପ୍ରାପ୍ତ ହୁଅନ୍ତି ||୫-୧୭ ||

They, whose mind and intellect are absorbed in the Self, who remain firmly attached with the Self, who have Self as their supreme goal, whose sins (or impurities) have been destroyed by the knowledge, do not take birth again. (5.17)

## ବିଦ୍ୟାବିନୟସଂପନ୍ନେ ବ୍ରାହ୍ମଣେ ଗବି ହସ୍ତିନି .

## ଶୁନି ଚୈବ ଶ୍ୱପାକେ ଚ ପଂଡିତାଃ ସମଦର୍ଶିନଃ .. ୫-୧୮..

ସେହି ଜ୍ଞାନୀମାନେ ବିଦ୍ୟା ଓ ବିନୟଯୁକ୍ତ ବ୍ରାହ୍ମଣଙ୍କ ଠାରେ ତଥା ଗୋ, ହସ୍ତୀ, କୁକୁର ଏବଂ ଚାଣ୍ଡାଳଠାରେ ମଧ୍ୟ ସମଦର୍ଶୀ ହୋଇଥାନ୍ତି ||୫-୧୮ ||

An enlightened person looks at a learned and humble Braahmana, an outcast, even a cow, an elephant, or a dog with an equal eye. (5.18)

## ଇହୈବ ତୈର୍ଜିତଃ ସର୍ଗୋ ଯେଷାଂ ସାମ୍ୟେ ସ୍ଥିତଂ ମନଃ .

## ନିର୍ଦୋଷଂ ହି ସମଂ ବ୍ରହ୍ମ ତସ୍ମାଦ୍ ବ୍ରହ୍ମଣି ତେ ସ୍ଥିତାଃ .. ୫-୧୯..

ଯେଉଁମାନଙ୍କର ମନ ସମଭାବରେ ଅବସ୍ଥିତ, ସେମାନଙ୍କ ଦ୍ୱାରା ଏହି ଜୀବିତ ଅବସ୍ଥାରେ ହିଁ ସମଗ୍ର ସଂସାର ବିଜିତ ହୋଇଥାଏ; ଯେହେତୁ ସଚ୍ଚିଦାନନ୍ଦଘନ ପରମାତ୍ମା ନିର୍ଦୋଷ ଓ ସମ, ତେଣୁ ସେମାନେ ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କ ଠାରେ ହିଁ ଅବସ୍ଥାନ କରିଥାନ୍ତି ||୫-୧୯ ||

Everything has been accomplished in this very life by those whose mind is set in equality. Such a person has realized Brahman because Brahman is flawless and impartial. (See also 18.55) (5.19)

## ନ ପ୍ରହୃଷ୍ୟେତ୍‌ପ୍ରିୟଂ ପ୍ରାପ୍ୟ ନୋଦ୍ୱିଜେତ୍‌ପ୍ରାପ୍ୟ ଚାପ୍ରିୟମ୍ .

## ସ୍ଥିରବୁଦ୍ଧିରସମ୍ମୂଢୋ ବ୍ରହ୍ମବିଦ୍ ବ୍ରହ୍ମଣି ସ୍ଥିତଃ .. ୫-୨୦..

ଯେଉଁ ପୁରୁଷ ପ୍ରିୟବସ୍ତୁ ପ୍ରାପ୍ତ ହୋଇ ହର୍ଷିତ ହୁଅନ୍ତି ନାହିଁ, କି ଅପ୍ରିୟ ବସ୍ତୁ ପ୍ରାପ୍ତ ହୋଇ ଉଦ୍‌ବିଗ୍ନ ହୁଅନ୍ତି ନାହିଁ, ସେହି ସ୍ଥିରବୁଦ୍ଧି ସଂଶୟରହିତ ବ୍ରହ୍ମବେତ୍ତା ପୁରୁଷ ସଚ୍ଚିଦାନନ୍ଦଘନ ପରବ୍ରହ୍ମ ପରମାତ୍ମାରେ ଏକୀଭାବରେ ନିତ୍ୟସ୍ଥିତ ଅଟନ୍ତି ||୫-୨୦ ||

One who neither rejoices on obtaining what is pleasant nor grieves on obtaining the unpleasant, who is undeluded, who has a steady mind, and who is a knower of Brahman; such a person abides in Brahman. (5.20)

## ବାହ୍ୟସ୍ପର୍ଶେଷ୍ୱସକ୍ତାତ୍ମା ବିଂଦତ୍ୟାତ୍ମନି ଯତ୍ସୁଖମ୍ .

## ସ ବ୍ରହ୍ମଯୋଗଯୁକ୍ତାତ୍ମା ସୁଖମକ୍ଷୟମଶ୍ନୁତେ .. ୫-୨୧..

ବାହ୍ୟ ବିଷୟରେ ଆସକ୍ତିରହିତ ଅନ୍ତଃକରଣବିଶିଷ୍ଟ ସାଧକ ଆତ୍ମାରେ ଯେଉଁ ଧ୍ୟାନଜନିତ ସାତ୍ତ୍ୱିକ ଆନନ୍ଦ ରହିଛି, ତାହା ପ୍ରାପ୍ତ ହୁଅନ୍ତି; ତା' ପରେ ସଚ୍ଚିଦାନନ୍ଦଘନ ପରବ୍ରହ୍ମ ପରମାତ୍ମାଙ୍କର ଧ୍ୟାନରୂପକ ଯୋଗରେ ଅଭିନ୍ନଭାବରେ ଅବସ୍ଥିତ ହୋଇଥିବା ସେହି ପୁରୁଷ ଅକ୍ଷୟ ଆନନ୍ଦ ଅନୁଭବ କରନ୍ତି ||୫-୨୧ ||

A person whose mind is unattached to sensual pleasures, who discovers the joy of the Self, and whose mind is in union with Brahman through meditation, enjoys eternal bliss. (5.21)

## ଯେ ହି ସଂସ୍ପର୍ଶଜା ଭୋଗା ଦୁଃଖଯୋନୟ ଏବ ତେ .

## ଆଦ୍ୟଂତବଂତଃ କୌଂତେୟ ନ ତେଷୁ ରମତେ ବୁଧଃ .. ୫-୨୨..

ଇନ୍ଦ୍ରିୟ ତଥା ବିଷମାନଙ୍କ ସଂଯୋଗରୁ ଉତ୍ପନ୍ନ ହେଉଥିବା ଯେଉଁ ଭୋଗଗୁଡିକ ରହିଛି, ସେଗୁଡିକ ବିଷୟୀ ପୁରୁଷମାନଙ୍କୁ ସୁଖରୂପ ପ୍ରତୀତ ହେଉଥିଲେ ବି, ନିଃସନ୍ଦେହ ଦୁଃଖର ହିଁ କାରଣ ଅଟନ୍ତି ଏବଂ ଆଦି- ଅନ୍ତବିଶିଷ୍ଟ ଅର୍ଥାତ୍ ଅନିତ୍ୟ ଅଟନ୍ତି | ହେ ଅର୍ଜୁନ! ତେଣୁ ବୁଦ୍ଧିମାନ୍ ବିବେକୀ ପୁରୁଷ ସେଥିରେ ରମଣ କରନ୍ତି ନାହିଁ ||୫-୨୨ || Pleasures derived from the contact of senses with their objects (or the sensual pleasures) are verily the source of misery, and have a beginning and an end. The wise, O Arjuna, do not rejoice in sensual pleasures. (See also 18.38) (5.22)

## ଶକ୍ନୋତୀହୈବ ଯଃ ସୋଢୁଂ ପ୍ରାକ୍ଶରୀରବିମୋକ୍ଷଣାତ୍ .

## କାମକ୍ରୋଧୋଦ୍ଭବଂ ବେଗଂ ସ ଯୁକ୍ତଃ ସ ସୁଖୀ ନରଃ .. ୫-୨୩..

ଯେଉଁ ସାଧକ ଏହି ମନୁଷ୍ୟଶରୀରରେ ଶରୀର ନାଶ ହୋଇଯିବା ପୂର୍ବରୁ ହିଁ କାମ- କ୍ରୋଧରୁ ଉତ୍ପନ୍ନ ହେଉଥିବା ବେଗ ସହିଯିବାକୁ ସମର୍ଥ ହୋଇଯାଆନ୍ତି, ସେହି ପୁରୁଷ ଯୋଗୀ; ସେ ସୁଖୀ ||୫-୨୩ ||

One who is able to withstand the impulse of lust and anger before death is a yogi, and a happy person. (5.23)

## ଯୋଽନ୍ତଃସୁଖୋଽନ୍ତରାରାମସ୍ତଥାଂତର୍ଜ୍ୟୋତିରେବ ଯଃ .

## ସ ଯୋଗୀ ବ୍ରହ୍ମନିର୍ବାଣଂ ବ୍ରହ୍ମଭୂତୋଽଧିଗଚ୍ଛତି .. ୫-୨୪..

ଯେଉଁ ପୁରୁଷ ବ୍ରହ୍ମଭିନ୍ନ ଅନ୍ୟ କିଛି ନାହିଁ ବୋଲି ନିଶ୍ଚୟ କରି ସମଷ୍ଟି ଅନ୍ତରାତ୍ମାରେ ହିଁ ସୁଖଯୁକ୍ତ, ଆତ୍ମାରେ ରମଣକାରୀ ତଥା ଆତ୍ମାରେ ହିଁ ଜ୍ଞାନଯୁକ୍ତ ଅଟନ୍ତି, ସଚ୍ଚିଦାନନ୍ଦଘନ ପରବ୍ରହ୍ମ ପରମାତ୍ମାଙ୍କ ସହିତ ଏକୀଭାବପ୍ରାପ୍ତ ସେହି ସାଂଖ୍ୟଯୋଗୀ ଶାନ୍ତ ବ୍ରହ୍ମଙ୍କୁ ପ୍ରାପ୍ତ ହୋଇଥାନ୍ତି ||୫-୨୪ ||

One who finds happiness with the Self, who rejoices the Self within, and who is illuminated by the Self-knowledge; such a yogi becomes one with Brahman and attains supreme nirvana. (5.24)

**ଲଭଂତେ ବ୍ରହ୍ମନିର୍ବାଣମୃଷୟଃ କ୍ଷୀଣକଲ୍ମଷାଃ .**

**ଛିନ୍ନଦ୍ୱୈଧା ଯତାତ୍ମାନଃ ସର୍ବଭୂତହିତେ ରତାଃ .. ୫-୨୫..**

ଯେଉଁମାନଙ୍କର ସକଳ ପାପ ନଷ୍ଟ ହୋଇଯାଇଛି, ଯେଉଁମାନଙ୍କର ସକଳ ସଂଶୟ ଜ୍ଞାନଦ୍ୱାରା ନିବୃତ୍ତ ହୋଇଯାଇଛି, ଯେଉଁମାନେ ସକଳ ପ୍ରାଣୀଙ୍କ ହିତରେ ରତ ଏବଂ ଯେଉଁମାନଙ୍କର ବିଜିତ ମନ ନିଶ୍ଚଳଭାବରେ ପରମାତ୍ମାଙ୍କ ଠାରେ ସ୍ଥିତ, ସେହି ବ୍ରହ୍ମବେତ୍ତା ପୁରୁଷମାନେ ଶାନ୍ତ ବ୍ରହ୍ମଙ୍କୁ ପ୍ରାପ୍ତ ହୁଅନ୍ତି ||୫-୨୫ ||

*Seers whose sins (or imperfections) are destroyed, whose doubts have been dispelled by knowledge, whose disciplined minds are attached with the Self, and who are engaged in the welfare of all beings attain Supreme Brahman. (5.25)*

**କାମକ୍ରୋଧବିୟୁକ୍ତାନାଂ ଯତୀନାଂ ଯତଚେତସାମ୍ .**

**ଅଭିତୋ ବ୍ରହ୍ମନିର୍ବାଣଂ ବର୍ତତେ ବିଦିତାତ୍ମନାମ୍ .. ୫-୨୬..**

କାମକ୍ରୋଧରହିତ, ବିଜିତଚିତ୍ତ ଏବଂ ପରବ୍ରହ୍ମ ପରମାତ୍ମାଙ୍କର ସାକ୍ଷାତ୍କାର କରିଥିବା ଜ୍ଞାନୀ ପୁରୁଷମାନଙ୍କ ପାଇଁ ସକଳ ଦିଗରେ ଶାନ୍ତ ପରବ୍ରହ୍ମ ପରମାତ୍ମା ହିଁ ପରିପୂର୍ଣ୍ଣ ହୋଇ ରହିଥାନ୍ତି ||୫-୨୬ ||

*A Self-realized person who is free from lust and anger, and who has subdued the mind and senses easily attains nirvana. (5.26)*

**ସ୍ପର୍ଶାଂକୃତ୍ୱା ବହିର୍ବାହ୍ୟାଂଶ୍ଚକ୍ଷୁଶ୍ଚୈବାଂତରେ ଭ୍ରୁବୋଃ .**

**ପ୍ରାଣାପାନୌ ସମୌ କୃତ୍ୱା ନାସାଭ୍ୟଂତରଚାରିଣୌ .. ୫-୨୭..**

**ଯତେଂଦ୍ରିୟମନୋବୁଦ୍ଧିର୍ମୁନିର୍ମୋକ୍ଷପରାୟଣଃ .**

**ବିଗତେଚ୍ଛାଭୟକ୍ରୋଧୋ ୟଃ ସଦା ମୁକ୍ତ ଏବ ସଃ .. ୫-୨୮..**

ବାହ୍ୟ ବିଷୟଭୋଗମାନଙ୍କୁ ଚିନ୍ତନ ନ କରି, ସେସବୁକୁ ବାହାରେ ହିଁ ତ୍ୟାଗ କରିଦେଇ ଏବଂ ନେତ୍ରର ଦୃଷ୍ଟିକୁ ଭ୍ରୂଦ୍ୱୟର ମଧ୍ୟବର୍ତ୍ତୀ ସ୍ଥାନରେ ନିବଦ୍ଧ କରି, ନାସିକାଦ୍ୱୟର ଅଭ୍ୟନ୍ତରରେ ବିଚରଣ କରୁଥିବା ପ୍ରାଣ ଓ ଅପାନ ବାୟୁକୁ ସମଗତି କରି, ଯେଉଁ ମୋକ୍ଷପରାୟଣ ମୁନି ମନ,ବୁଦ୍ଧି ଓ ଇନ୍ଦ୍ରିୟମାନଙ୍କୁ ସଂଯତ କରିଥାନ୍ତି, ଇଚ୍ଛା, ଭୟ ଓ କ୍ରୋଧରୁ ରହିତ ହୋଇଥିବା ସେହି ମୁନି ସର୍ବଦା ମୁକ୍ତ ହିଁ ଅଟନ୍ତି ||୫-୨୭-୨୮ ||

Renouncing sense enjoyments; fixing the eyes and mind at the midbrows; equalizing the breath moving through the nostrils (by Kriya techniques); (See also 4.29, 6.13 and 8.10) (5.27) With senses, mind, and intellect under control; having liberation as the prime goal; free from lust, anger, and fear; such a sage is verily liberated. (5.28)

## ଭୋକ୍ତାରଂ ଯଜ୍ଞତପସାଂ ସର୍ବଲୋକମହେଶ୍ୱରମ୍ .

## ସୁହୃଦଂ ସର୍ବଭୂତାନାଂ ଜ୍ଞାତ୍ୱା ମାଂ ଶାଂତିମୃଚ୍ଛତି .. ୫-୨୯..

ମୋର ଭକ୍ତ ମୋତେ ସକଳ ଯଜ୍ଞର ଓ ତପର ଭୋକ୍ତା, ସମସ୍ତ ଲୋକର ଈଶ୍ୱରମାନଙ୍କର ବି ଈଶ୍ୱର ତଥା ସକଳ ପ୍ରାଣୀମାନଙ୍କର ସୁହୃଦ ଅର୍ଥାତ୍ ସ୍ୱାର୍ଥରହିତ ଦୟାଳୁ ଓ ପ୍ରେମୀ ବୋଲି ତତ୍ତ୍ୱତଃ ଜାଣିପାରି ଶାନ୍ତି ପ୍ରାପ୍ତ ହୁଅନ୍ତି ||୫-୨୯ ||

The one who knows Me as the enjoyer of sacrifices and austerities, as the great Lord of all the worlds, and as the friend of all beings, attains peace. (5.29)

## ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍ଗୀତାସୂପନିଷତ୍ସୁ

## ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ

## ସଂନ୍ୟାସଯୋଗୋ ନାମ ପଂଚମୋଽଧ୍ୟାୟଃ .. ୫..

************

---

PREPARED BY **www.odia.org** using the "**DHWANI-UNICODE**" software.
The shlokas are based on itrans text and the english meanings are quoted from “The Bhagavad-Geeta by Ramanand Prasad” (file “bgita_meaning.txt”) at www.sanskritdocuments.org .

The odia meaning is quoted from shrimadbhagabatgiitaa (Gita Press Gorakhpur #1100, ISBN 81-293-0066-4) in odia with tiikka by Jayadayaal Goyandaka.
**FOR CORRECTIONS: MAIL TO odiaorg@gmail.com**